
ବଣମଲ୍ଲୀର ମହକ
ଜୁଲାଇ ଇ-ବୁକ ୨୦୨୧

# ଚଷା ଲକ୍ଷେ ପୁଷା – ଶ୍ୟାମ ସୁନ୍ଦର କୁମ୍ଭାର

July 3, 2021

ଚଷା ଲକ୍ଷେ ପୁଷା
ସହଜ୍ ସରଲ୍ ଚାଲିଚଳନ୍
ନିଜ ମନେ ଛନ୍ଦ
ଇ ମାଟି ମୋର୍ ଜନମ୍ କରମ୍
ଇ ମାଏଟ୍ ମୋର୍ ଧନ୍ (୧)
ଖରା, ବର୍ଷା, ଶୀତ୍ କାକର୍
କିଛିକେ ନେଇଁ ଖାତର୍
ମୁଡ଼ର୍ ଝାଳକେ ଟୁଡେଁ ମାରି
କ୍ଷେତେ ଫଳାସି ଫସଲ୍ (୨)
ଧାନ୍, ଗହମ୍, ମୁଗ୍, ବିରି
ପାତଲଘଁଟା ,ଧନିଆ
କୁଶେର୍, କନ୍ଦା, ଆଳୁ ,ସାରୁ
କପା, ଛନ୍, କଁରିଆ (୩)
ଗୁଡୁ ମୁଡକେ ନକୁ ନକ୍ସା
ଯାହାକେ ଜେଣ୍ଟା ଦର୍କାର
ସବୁଥିର ମୂଳେ ମୋର୍ ହାତ ଅଛେ
କିଏ କରିପାରେ ଅସ୍ବୀକାର୍ (୪)
କେତେ ଦୁଃଖ୍ ସହି ଚାଷ୍ କରେ ହେଲେ
ମାଲିକ୍ ନୁହେ ମୁଇଁ ତାର୍
ମୂଲଦାମ୍ କରା ମୋର ହାତେ ନେଇଁ
ଦାମ୍ ଠିକ୍ କରେ ସର୍କାର (୫)
ବଢ଼ି, ମର୍ଡ଼ି, ରୋଗ୍ ପୋକ୍ ଥି
ଖେତି ହେଇଯାଏ ଫସଲ୍
ମୋର୍ ଦୁଃଖ୍ ଦଶା କିହେ ନି ଦେଖନ୍
ଲାଗ୍ ରୁଣେ ସର୍ ସର୍ (୬)
ମୋର୍ ପିଲା ନି ପଢ଼ିପାରେ ପାଠ୍
ଅଭାବ୍ ଅନାଟନେ ପଡ଼ି
ଝି ବିହା କଲେ ଉପେ ଚକର୍ ବୁଢ଼େ
ବିକି ଦିଏଁ ଜମିବାଡ଼ି (୭)
ଛପ୍ପା କୁଟି ଜୀବର୍ ପଡିଦାତା ମୁଇଁ
ସବ୍କର ସାହା ଭରସା
ହେଥିର୍ ଲାଗି ମତେ ସଭେ କହେସନ୍
ଚଷା ଲକ୍ଷେ ଜୀବ ପୁଷା ।

ଶ୍ୟାମ ସୁନ୍ଦର କୁମ୍ଭାର
ନି.ସନ୍ଧିବାହାଲ, ଥା. ଗାଇସିଲେଟ, ଜିଲ୍ଲା-ବରଗଡ଼



# ଆଷାଢ଼ – ଅଶୋକ କୁମାର ପ୍ରହରାଜ

July 6, 2021

ଆଷାଢ ଆକାଶେ ରଙ୍ଗ ଇନ୍ଦ୍ରଧନୁ
ଅମ୍ବର ଅମ୍ବରେ ଛିଟ ଲେପିଛି
ଅଳ୍ପ ଅଳ୍ପ କଳା ଘନର ରୋଷଣୀ
ଆରଦିଗେ ନଭେ ବାନ୍ଧ ବୁଣୁଛି. (1)
ଅଭିସାରିକାଟେ ସାଜିଣ ମୟୂରୀ
ଆନନ୍ଦେ ମହୁରୀ କେତେ ଫୁଙ୍କୁଛି
ଅତୁଳନୀୟ ସେ ଆଭାରେ ବିଭୋରେ
ଅଧୀରେ ମୟୂର ନୃତ୍ୟ ରଚୁଛି.(2)
ଆଶାର କିରଣ ଭରସା ସଞ୍ଚରି
ଅସୁମାରୀ ସ୍ବପ୍ନ ଝୋଟି ଛାଟୁଛି
ଆସୁଅଛି ବର୍ଷା ବାର୍ତ୍ତା ସଙ୍ଗେ ଧରି
ଅଙ୍କେ ବସୁମତୀ ଆଙ୍କିବ ସୁନ୍ଦରୀ
ଆବର୍ତ୍ତମାନର ତୁଳୀ ଧରିଛି.(3)
ଅଗ ମୁଣ୍ଡେଇଛି ଅଗେ ମେଘମାଳା
ଆଭାସ ଦେଉଛି ବରଷା ହେବ

ଆନନ୍ଦେ ନାଚିବେ ସବୁ ତରୁଲତା
ଆମୋଦିତେ ମାଟି ମହକି ଯିବ. (4)
ଅନୁଭବି ବର୍ଷା ଛିଟାର ପରଶ
ଆହ୍ଲାଦିତ ହୁଏ ପ୍ରିୟାର ମନ
ଅଙ୍କୁରୁଛି କେତେ ପ୍ରୀତିର ଆବେଶ
ଆଭରଣେ କାନ୍ତି ଜନ୍ମେ ଯେସନ. (5)
ଅପ୍ରମିତ ଦଳେ ବିନ୍ଦୁ ବିନ୍ଦୁ ବାରି
ଅତୁଲ୍ୟ ସୌନ୍ଦର୍ଯ୍ୟ ବିଭା ରଚିବ
ଆୟୁଷ ତା'ନୁହେଁ କେବେ ଚିରସ୍ଥାୟୀ
ଅକାଟ୍ୟ ସତ୍ୟର ବାର୍ତ୍ତା ବାଣ୍ଟିବ. (6)
ଆୟୁ ତ କାହାର ନୁହଁଇ ଆୟତ୍ତ
ଅଚିରେ ଦିନେ ସେ କାଳ ଲଭିବ
ଆସିବା ଯିବାଟା ସୃଷ୍ଟିର ନିୟମ
ଆବେଷ୍ଟନୀ ତା'ର କିଏ ଭାଙ୍ଗିବ??. (7)

ଅଶୋକ କୁମାର ପ୍ରହରାଜ, ପୁରୀ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ପ୍ରସନ୍ନା ହୁଅ ଦେବୀ ଭଗବତୀ – ରଙ୍ଗନାଥ ରଥ

July 6, 2021

ପ୍ରସନ୍ନା ହୁଅ ମା ଦେବୀ ଭଗବତୀ ମହାମାୟା
ଶରଣାଗତ ଆରତ ଦୀନଜନେ କର ଦୟା ॥୦॥

ସୃଷ୍ଟି ସ୍ଥିତି ପୁଣି ସଂହାର-କାରିଣୀ
ଭକ୍ତ-ଜନଙ୍କର ମୁକ୍ତି ପ୍ରଦାୟିନୀ
କଲ୍ୟାଣ ଦାୟିନୀ ମାତଃ ଶର୍ବାଣୀ ସର୍ବମଙ୍ଗଳା ॥୧॥
ପ୍ରସନ୍ନା ହୁଅ ମା ଦେବୀ……

ମହିଷମୋହିନୀ ତ୍ରିଶୂଳଧାରିଣୀ
ଅନଳ ସମ୍ଭୂତା ଶ୍ରଦ୍ଧାସ୍ୱରୂପିଣୀ
ବିପଦଭଞ୍ଜନୀ ତୁହି ଆଦ୍ୟାଶକ୍ତି ଯୋଗମାୟା ॥ ୨ ॥
ପ୍ରସନ୍ନା ହୁଅ ମା ଦେବୀ……

କେଶରୀ-ବାହନୀ ନୃମୁଣ୍ଡ-ମାଳିନୀ
ତ୍ରିଭୁବନେଶ୍ୱରୀ ଦନୁଜ-ଦଳିନୀ
ଅଖିଳ ଜନନୀ ଦେବି! କାଟି ଦିଅ ଭବମାୟା ॥ ୩ ॥
ପ୍ରସନ୍ନା ହୁଅ ମା ଦେବୀ……

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ହାକିମଙ୍କ ସନ୍ନିଧାନ – ଇଂ ଦୀପ୍ତି ରଞ୍ଜନ ପଣ୍ଡା

July 6, 2021

ନିଜ କର୍ମଚାରୀ ଗାଳି ଖାଇବାଟା
ହାକିମଙ୍କ ସନ୍ନିଧାନ
ସାମାନ୍ୟ ଜବାବ ଦେଲେବି କୈଫତ୍
ହାକିମଙ୍କ ଡିସିସନ୍ ।
କିଛି ଡିସିସନ୍ ନନେଇ ହାକିମ
ସବୁ କାମ ହୁଏ ଡେରି
କିନ୍ତୁ ସେଥିପାଇଁ ବଳି ପଡିଥାଏ
ଖାଲି ତଳ କର୍ମଚାରୀ।
ହାକିମ କୁହନ୍ତି ତାଙ୍କ ହାକିମଙ୍କୁ
ଯେତେ ସବୁ ମିଛକଥା
କାମ ଡେରି ପାଇଁ କୈଫତ୍ ତଲବ
କର୍ମଚାରୀ ମୁଣ୍ଡବ୍ୟଥା।

ଡାହାଳ କୁକୁର ଯେମିତି ଭୁକନ୍ତି
ହାକିମ ସେପରି କରି
ବାହାର ଲୋକଙ୍କ ଆଗରେ ବିଚରା
ଗାଳି ଖାଏ କର୍ମଚାରୀ।
କର୍ମଚାରୀଙ୍କର ଭୁଲ୍ ବାଛିବାଟା
ହାକିମଙ୍କ ଅଧିକାର
ଭଲ କାମପାଇଁ କେବେବି ସେମାନେ
ପାଆନ୍ତିନି ପୁରସ୍କାର।
ଦୁଇପଦ ସ୍ନେହ କଥା ଶୁଣିଦେଲେ
ହୋଇଥାନ୍ତା ବିପରୀତ
ସବୁ କାମ ମଧ୍ୟ ଠିକରେ ଚାଲନ୍ତା
ବାତାବରଣ ବି ସୁସ୍ଥ।

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଅଞ୍ଜଳି ମୋ ଦିଅ ଭରି – ରଙ୍ଗନାଥ ରଥ

July 6, 2021

ମା' ଗୋ ମାଆ ଅଞ୍ଜଳି ମୋ ଦିଅ ଭରି
ଜଗତର ଜନନୀ ମା' ଅଭୟଦାୟିନୀ
ପତିତପାବନୀ ତୁମେ କୃପାର ସାଗରୀ ॥୦॥
ଅଞ୍ଜଳି ମୋ ଦିଅ ଭରି .....

ମାଗୁନାହିଁ ଧନ ଜନ ଯଶ ବଇଭବ
ସେହି ପାଦପଦ୍ମେ ମୋତେ ଟିକେ ଦିଅ ଠାବ
ଅଶେଷ କରୁଣା ପଡୁ ତୋ ପାଦରୁ ଝରି ॥୧॥
ଅଞ୍ଜଳି ମୋ ଦିଅ ଭରି .....

ପାପପଙ୍କେ ପଡ଼ି ଆଜି ଭୁଲିଛି ତୋ ନାମ
ଲୋଭ ମୋହ ମାୟାରେ ମୋ ଭରିଛି ଜୀବନ
ମାୟାଜାଲ କାଟିଦେ ମା' ଦେଇ କୃପାବାରି ॥ ୨ ॥
ଅଞ୍ଜଳି ମୋ ଦିଅ ଭରି .....

ଅଳୀକ ସୁଖରେ ମଗ୍ନ ହେଲା ମୋର ମନ
ମଣିଷ ଜନମ କି ବା ହେବ ଅକାରଣ
ଡାକି ନିଅ ପାଶେ ତୁମ ଥରେ ହାତଠାରି ॥ ୩ ॥
ଅଞ୍ଜଳି ମୋ ଦିଅ ଭରି .....

ନ ଜାଣଇ ନାମଗାନ ପୂଜା ଆରାଧନା
ଭରସା କରିଛି ମାଆ ହରିନେ ଯାତନା
ଅବୋଧ ସନ୍ତାନେ ଏବେ ନିଅ କୋଳକରି ॥ ୪ ॥
ଅଞ୍ଜଳି ମୋ ଦିଅ ଭରି .....

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ମୁଁ ତୁମକୁ ଖୋଜେ – ଡକ୍ଟର ମାଙ୍ଗଳିକା ମହାପାତ୍ର

July 18, 2021

ମୁଁ ତୁମକୁ ଖୋଜେ
କାହିଁ କେବେଠୁ
କାଳରୁ କାଳାନ୍ତର ଯାଏ
କାହିଁକି ଜାଣେନା
କାରଣ ବି ଖୋଜେନା
କ'ଣ ଅଛି ତୁମଠି
ଏତେ ଆକର୍ଷଣ
ମୁହୂର୍ତ୍ତିଏ ବି ଭୁଲିକି
ରହିବା ଅସମ୍ଭବ
କି ଦିନ କି ରାତି

ଉପସ୍ଥିତି କରେ ଅନୁଭବ
ସବୁ ପ୍ରଶ୍ନର ଉତ୍ତର
ତୁମେ ଖୁବ୍ ଦେଇପାର
ସେଥିଲାଗି ତ ତୁମେ
ହେଲ ଏତେ ନିଜର
ଆଶା ତ ବୈତରିଣୀ
ପୂଣ୍ୟତୋୟା ନଦୀ
ସୃଷ୍ଟିର ଆବହମାନ କାଳରୁ
ଆଦ୍ୟରୁ ଶେଷ ଯାଏ
ଓମ୍ କାରରୁ ପ୍ରଳୟ ଯାଏ
ଅପେକ୍ଷାରେ ଅଛି
ସେଇ ଇପସିତ ମୁହୂର୍ତ୍ତର
ଯେବେ ଏ ସ୍ବପ୍ନିଳ ଅବେଗକୁ
ଦେବ ତୁମେ ଅନ୍ତିମ ସ୍ପର୍ଶ
ଆତ୍ମସମର୍ପଣ ର
ସମ୍ମୋହିତ ଉତ୍ତର
କି.. ତୁମେ ହିଁ ମୋର ..
ଏଇ ଖୋଜିବା ଆଉ ପାଇବା ଭିତରେ
ଖୋଜିବାରେ ଆସକ୍ତି
ପାଇବାରେ ଆତ୍ମତୃପ୍ତି
ବୋଧହୁଏ ସର୍ବାଧିକ
ମିଳେ ସେଥିରେ ନିର୍ବାଣ
ଦିବ୍ୟ ଆନନ୍ଦ, ଆତ୍ମସନ୍ତୋଷ
ସେଇ ମୋକ୍ଷ ର ସନ୍ଧାନରେ
ଆକୃଷ୍ଟ ତୁମ ଆହ୍ବାନରେ ..

ଡଃ ମାଙ୍ଗଳିକା ମହାପାତ୍ର
ପ୍ଲଟ ନଂ ୩୫୩ , ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳୟ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଭବସାଗରୁ ପାରି କର – ରଙ୍ଗନାଥ ରଥ

July 18, 2021

ହେ ଗଙ୍ଗାଧର ହେ ଉମାବର
ଭବସାଗରୁ ପାରି କର ll ୦ ll

ଜଗତର ରକ୍ଷା ଲାଗି, ସାଜିଅଛ ମହାଯୋଗୀ
ନୀଳକଣ୍ଠ ହୋଇ ପରା ବିଷପାନ କର
ହେ ଗଙ୍ଗାଧର… ll ୧ ll

ସର୍ପ କରି ଗଳାମାଳ, ହସ୍ତରେ ଧରି ତ୍ରିଶୂଳ
ହେଲ ଭସ୍ମ ବିଲେପନ ଆହେ ଦିଗମ୍ବର
ହେ ଗଙ୍ଗାଧର… ll ୨ ll

ବସି ବୃଷଭ ବାହନ, ବୁଲୁଅଛ ତ୍ରିଭୁବନ
ଆଶୁତୋଷ ହୋଇ ଦୁଃଖୀ ଦୁଃଖ ଦୂରକର
ହେ ଗଙ୍ଗାଧର… ll ୩ ll

ଅଳିକ ସୁଖକୁ ଦେଖି, ଯାଇ ନପାରେ ଉପେକ୍ଷି
ଦିବ୍ୟଜ୍ଞାନ ଦେଇ ହୃଦେ ବାରେ ଦୟା କର
ହେ ଗଙ୍ଗାଧର… ll ୪ ll

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର – 18

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଅଭିସାରିକା କଇଁ – କୁମୁଦିନୀ ବେହେରା

July 19, 2021

ରାତି ଶୋଇଥିଲା ନିଘୋଡ ନିଦରେ
ଜହ୍ନ ମାରୁ ଥିଲା ହାଇ
ଅଭିସାରିକାର ବେଶେ ଚାହିଁଥିଲା
ଗଗନକୁ ନୀଳକଇଁ l

ନିଶାକର ପ୍ରେମେ ହୋଇ ବିମୋହିତା
ଜାଗରିତା ଥିଲା କଇଁ
ଅଭୀପ୍ସିତ ଅଭିସାରରେ ଅଧୀରା
ହୋଇ ରସ ରାସମୟୀ l

କେତେ ସରାଗରେ କଇଁ ପାଖୁଡ଼ାରେ
ଜୋଛନା ଦିଏ ଚୁମ୍ବନ
କାକର କଣିକା ବିନ୍ଦୁ ବିନ୍ଦୁ ହୋଇ
ନାଇଲେ ଟିପି ଚନ୍ଦନ l

ମଳୟ ଦୋଳିରେ ଝୁଲାଏ ଆନନ୍ଦେ
ଜଳ ଅଙ୍ଗେ ସନ୍ତରଣ
ବଉଦ ଉହାଡୁ ଲୁଚକାଳି ଖେଳ
କରଇ ମନ ହରଣ l

ତାରାଗଣଙ୍କର ଲାଗେ ସମାରୋହ
ସତେ କୁସୁମିତ ବନ
କଳାମେଘୀ ପାଟଶାଢ଼ିରେ ଯାମିନୀ
କିଣି ନେଇଥାଏ ମନ l

ବିଭାବରୀ ଅକାଶରେ ଜଳଧର
କରେ କେତେ ପ୍ରୀତିରାସ
ସରସୀରେ ଥାଇ କୁମୁଦିନୀ ଟାଣେ
ମୁଖରେ ଲାଜୁଆ ହସ l

ପିଆସୀ ମନର କେତେ ଆଶା ନେଇ
ତନୁ ତୀର୍ଥ ମଞ୍ଜରିରେ
ଗୁପ୍ତ ପୀରତିର ପରିଧି ଭିତରେ
ହଜିଯାଏ ଅନ୍ଧକାରେ l

ଫୁଟିଲେ ଅସଂଖ୍ୟ ପ୍ରୀତିର ସୁମନ
ନେଇ ମହମହ ବାସ
ଶୁଭ ସାହାନାଇ ବଜାଇ ନାଚିଲେ
ମଣ୍ଡୁକେ ହୋଇ ହରଷ l

ଅବିରତ ଝରି ଅମୃତର ଧାରା
ପ୍ରେମର ପୁଣ୍ଣତୋୟା
ନୂତନତା ପଣେ ନିବିଡତା ଆଣି
ଲଗେଇ ଦେଇଛି ମାୟା ll

କୁମୁଦିନୀ ବେହେରା, ଅନୁଗୋଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ନିର୍ଦ୍ଦୟ ବସନ୍ତ – ଦୀପିକା ଦାଶ

July 19, 2021

ପ୍ରତିଶ୍ରୁତିର ଫର୍ଦ୍ଦ ଫର୍ଦ୍ଦ ପୃଷ୍ଠା
ଏଯାବତ୍ ସଞ୍ଚିତ
ହୃଦୟର ସୂକ୍ଷ୍ମ ଅଳିନ୍ଦରେ।
ମୋ ବିଶ୍ୱାସର ପ୍ରଦୀପ
ଅହରହ ଜଳୁଛି
ଚେତନାର ଅଦୃଶ୍ୟ ଇନ୍ଧନରେ ।

କିନ୍ତୁ ହାୟ ।
ବସନ୍ତର ମଳୟ ପବନରେ

ଲିଭି ଲିଭି ଆସୁଛି
ବିଶ୍ୱାସର ସେହି ପ୍ରଦୀପ।

ସମଗ୍ର ବୃନ୍ଦାବନ ବେଶ୍ ଜୀବନ୍ତ ଚଳଚଞ୍ଚଳ
,ବସନ୍ତର ପ୍ରାଦୁର୍ଭାବରେ
ତେବେ କିଆଁ ମୋରି ନିକଟରେ ହିଁ
ଏ ନିର୍ଦ୍ଦୟ ବସନ୍ତର ଏତେ ପକ୍ଷପାତ ?

ପ୍ରଚଣ୍ଡ ବିରହ ସନ୍ତାପ ବୃଦ୍ଧି
ମୋ ମନ ଗହନ କାନନରେ
ନିଘଞ୍ଚ ଅରଣ୍ୟରେ ଖୋଜିବୁଲେ
ମୋ ପ୍ରିୟ ନୀଳ ପୁରୁଷଙ୍କ ସନ୍ଧାନରେ ।

ମଳୟ ରଥେ ବିରାଜି
ବସନ୍ତ ବାଣ୍ଟିଚାଲିଛି ଦିଗ ବିଦିଗ
ଅପୂର୍ବ ଶୋଭା ସୌନ୍ଦର୍ଯ୍ୟ ।

ବଉଳ ଫୁଲ ସୁଗନ୍ଧର ତାନେ ତାନେ
ଗୁଞ୍ଜନ କରି ଉଠନ୍ତି ପ୍ରେମିକ ଭ୍ରମରମାନେ
ସମତାଳେ କୋଇଲିର କୁହୁକୁହୁ ରାବ
ଆଉ ଲବଙ୍ଗ ଲତାର ମୁରୁକି ହସ
ମୋ ମୁଖରୁ ଶୋଷି ଚାଲିଛି
ଶୃଙ୍ଗାର ରସ।

ତଥାପି ବସନ୍ତର ସାନିଧ୍ୟ ଠାରୁ
ବହୁ ଦୂରରେ ନିକୁଞ୍ଜକୁଟିର
ଯେଉଁଠି କେବଳ ଅବସ୍ଥାନ
ମୁ଼ଁ ଆଉ ମୋ ବିରହିଣୀ ହୃଦୟ ।

ନୀଳ ପୁରୁଷ !!
ତୁମ ଏକାନ୍ତ ମଥୁରା ଗମନ
କେତେ ଯେ ଅସହ୍ୟ
ଏବେ ତ ତମାଳ ପୁଷ୍ପରେ ଦେଖା ଯାଉଛି
ତୁମ ପୀତ ବସନ ପରିଧାନ
ସହାସ୍ୟ ବଦନ ।

ଜାଣିଛ ??
ମୋ ଅଶ୍ରୁ ମାନସରୋବରରେ
ପ୍ରତୀକ୍ଷାର ସନ୍ତରଣକାରୀ ହଂସମାନେ
ଏବେ କିନ୍ତୁ ଖୁବ୍ କ୍ଳାନ୍ତ ।

କେତକିର ପରିବ୍ୟାପ୍ତ ସୁବାଷ ରେ
କିଏ ଅବା ମୋହିତ ?
ତା ତୀକ୍ଷ୍ଣ କଣ୍ଟାରେ
ମୋ ଅନ୍ତର ବିଦିର୍ଣ୍ଣ ରକ୍ତାକ୍ତ ।

ମୁ଼ଁ ସମ୍ପୂର୍ଣ୍ଣ ବୁଡିଯିବା ପୂର୍ବରୁ
ନିସଂଗତା ର ଅତଳ ସାଗରରେ
ଫେରି ଆସ ,ଫେରି ଆସ ନୀଳ ପୁରୁଷ !!
ଚନ୍ଦନ ବୃକ୍ଷର ବାସ ସାଥେ ସାଥେ ।



# ମୋ ଜଗା ରଥେ ବସିବ – ସୁଧାକର ସେଠୀ

July 22, 2021

ମୋ ଜଗା ରଥେ ବସିବ
ବାଟେ ବାଟେ ରହିରହି ସେ ଯିବ
ମୋ ଜଗା ରଥେ ବସିବ

ଜଗତର ଡୋରି ଧରିଛି ସେ ହାତେ
ଆଜି ତାକୁ ଭକ୍ତ ଭିଡିବ
ମୋ ଜଗା ରଥେ ବସିବ

ଦେଖ ପହଣ୍ଡି ହେଲାଣି
ଜଗା ମୁହଁ ଦଶିଲାଣି

କି ରଙ୍ଗ ଢଙ୍ଗେ ଆସୁଛି ମୋ କଳାମାଧବ
ମୋ ଜଗା ରଥେ ବସିବ

ଭକତ ପାଇଁ ସେ ବାଇ
କିଛି କଥା ଶୁଣେତ ନାହିଁ
ଶ୍ରୀମନ୍ଦିର ଛାଡି ବଡଦାଣ୍ଡରେ ଯିବ
ମୋ ଜଗା ରଥେ ବସିବ

ମନ ମୋର ହୁଏ ଉଚ୍ଚାଟ
ଦେଖନ୍ତି ସେ କାଳିଆ ମୁଖ
ସକାଳ ପହରୁ ନିଦଭାଙ୍ଗିଲାଣି
ମନରେ ଜାଗିଛି ତହରି ଭାବ
ମୋ ଜଗା ରଥେ ବସିବ

ଘିଡିଘିଡି ଯିବରେ ଗଡି
ତ ରଥକୁ ନେବେରେ ଭିଡି
ଏ ଜୀବରଥ ତ କରୁଣା କେବେ ଲଭିବ
ମୋ ଜଗା ରଥେ ବସିବ

ଜମ୍ବେଶ୍ବରପୁର,ବାଲେଶ୍ବର
ଦୁରଭାଷ-୯୩୩୭୬୮୧୫୨୪

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଜୀବନର ଅର୍ଥ – ରୁଦ୍ର ନାରାୟଣ ଦାଶ

July 22, 2021

ଜୀବନର ଅର୍ଥ ବଦଳିଗଲାଣି
ଆହେ ପ୍ରଭୁ ଚକାଡ଼ୋଳା,
ଅର୍ଥ, ଲୋଭ, କାମ ଜୀବନର ଲକ୍ଷ୍ଯ
ହୋଇ ଭାସେ ଭେଳା ଭେଳା।୧।

ଅଧର୍ମ ପଥରେ ନିଅନାହିଁ ସ୍ବାମୀ
ନାହିଁ ଦରକାର ମୋର,
ସୁଖ ଖୋଜୁନାହିଁ ଏପରି ଭାବରେ
ପାଇ ପାରିବିନି ପାର।୨।

ଜୀବନର ମୂଲ୍ଯ ଭସାଇ ଦେଇଛି
ଅଧର୍ମ ନଈର ମଧ୍ଯେ,
ଖୋଜିଲେ ବି ପାର ପାରୁନି ମୁଁ ଆଜ
ଲୀନ ହେଲାଣି ତା’ ଗର୍ଭେ।୩।

ଜୀବନର ଅର୍ଥ ବଦଳାଇ ପୁଣି
ଫେରୁଛି ଧର୍ମ ପଥକୁ,
ନିବେଦନ ମୋର ଆହେ ଚକାଡ଼ୋଳା
ରଖ ତୁମ ଆଶ୍ରିତକୁ।୪।

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଶ୍ରୀକୃଷ୍ଣଙ୍କ ବନ୍ଧନ ଲୀଳା – ନରେନ୍ଦ୍ର ପ୍ରସାଦ ବେହେରା

July 22, 2021

ମା’ଯଶୋଦ ରାଣୀ ହୋଇଥିଲେ ସୁଦ୍ଧା ନିଜ ହାତରେ ଅନେକ ଗୃହ କାର୍ଯ୍ୟ କରନ୍ତି । ଦିନେ ଯଶୋଦା ଦଧି ମନ୍ଥନ କରୁଥିବା ସମୟରେ କୃଷ୍ଣ ଆସି ମା’ଙ୍କୁ ବ୍ଯତିବ୍ଯସ୍ତ କରି ପକାଇଲେ ଏବଂ ଦଧି ମନ୍ଥନ କରିବାକୁ ଦେଲେ ନାହିଁ । ପୁତ୍ରକୁ ଭୁଲାଇବା ପାଇଁ ଯଶୋଦା କୃଷ୍ଣଙ୍କୁ କୋଳକୁ ନେଇ ସ୍ତନ୍ଯପାନ କରିଇବାକୁ ଲାଗିଲେ । ଏହି ସମୟରେ ସେ ଦେଖିଲେ ଯେ ଚୁଲିରେ ବସିଥିବା ହାଣ୍ଡିରୁ କ୍ଷୀର ଉତୁରି ପଡୁଛି । ସେ ହଠାତ୍ କୃଷ୍ଣଙ୍କୁ କୋଳରୁ ତଳକୁ ଉହ୍ଲାଇ ଦେଇ ଚୁଲି ପାଖକୁ ଧାଇଁ ଗଲେ । ମା’ ମୋତେ କାହିଁକି ତଳକୁ ଉହ୍ଲାଇ ଦେଲେ ବୋଲି ରାଗିଯାଇ ସେ ଦଧିଭାଣ୍ଡଟିକୁ ଭାଙ୍ଗି

ଦେଲେ । ମା'ରୋଷେଇ ଘରୁ ଆସି ଅଝଟ ପୁତ୍ରର ଏ କୀର୍ତ୍ତି ଦେଖି କ୍ରୋଧର ବାହାନା କରି ବାଡି ଧରି ବାଡେଇବାକୁ ଗୋଡାଇଲେ । ମା' ଗୋଡାଇ ଗୋଡାଇ ଥକି ଗଲେ, କିନ୍ତୁ କୃଷ୍ଣଙ୍କୁ ଧରିପାରିଲେ ନାହିଁ । ମୁନିଋଷିମାନେ ଜପତପ କରି ଯାହାକୁ ଧରିପାରନ୍ତି ନାହିଁ, ତାଙ୍କୁ ଧରିବାକୁ ଧାଉଁଛନ୍ତି ମା' ଯଶୋଦା । ମା' ଥକିଯିବାର ଦେଖି ବାଳକ ଆପଣାଛାଏଁ ଧରା ଦେଇ ଖୁବ୍ ଭୟଭୀତ ହୋଇପଡିଥିବା ପରି ଛଳନା କଲେ ଏବଂ କାନ୍ଦ କାନ୍ଦ ହେଲେ । ଆରେ କହ୍ନେଇ ତୁ ଭାରି ଦୁଷ୍ଟ ହୋଇଛୁ,ତୋତେ ଆଜି ବାନ୍ଧି ରଖିବି । ତୁ ମୋତେ କୌଣସି କାମ କରାଇ ଦେଉ ନାହୁଁ । ଏହା କହି ଘର ଭିତରୁ ଦଉଡି ଆଣି ମା' ଯଶୋଦା କୃଷ୍ଣଙ୍କୁ ବାନ୍ଧିବାକୁ ଆରମ୍ଭ କଲେ । କିନ୍ତୁ ଏ କ,ଣ ? ବାନ୍ଧିବାକୁ ଦଉଡି ଅଣ୍ଟୁ ନାହିଁ । ଦୁଇ ଆଙ୍ଗୁଳି କମ ହେଉଛି । ଘରେ ଯେତେ ଦଉଡି ସବୁତକ ଆଣି ବାନ୍ଧିଲେ ବି ନିଅଣ୍ଟ ପଡୁଛି । କୃଷ୍ଣଙ୍କୁ ବାନ୍ଧି ନପାରି ଯଶୋଦା ଥକି ପଡିଲେ । ସେ ବଡ କ୍ଳାନ୍ତ ହୋଇ ବସି ପଡିଲେ । ଦେହସାରା ଝାଳରେ ବୁଡିଗଲା । ଏହା ଦେଖି ବାଳଗୋପାଳଙ୍କ ମନ ତରଳିଗଲା । ସେ ଦୟାକରି ମା' ଙ୍କର ବନ୍ଧନ ସ୍ବୀକାର କରିନେଲେ । ଭଗବାନ ଭକ୍ତର ପ୍ରେମ ବନ୍ଧନରେ ବାନ୍ଧି ହୋଇ ରହିବାକୁ ଭଲ ପାଆନ୍ତି । ବିଶ୍ବ ଯାହାଙ୍କର ବଶ, ସେ ପୁଣି ଭକ୍ତର ବଶ୍ଯତା ସ୍ବୀକାର କରନ୍ତି ।।

ନରେନ୍ଦ୍ର ପ୍ରସାଦ ବେହେରା, ଆଳଦା, ଖଇରା, ବାଲେଶ୍ବର,
ମୋ-୯୮୫୩୧୪୨୫୧୦